ଓୟୁଏଟି ପବ୍ଲିକେଷନ୍ ସଂଖ୍ୟା : ୨୦୨୩୧୨୦୦୭୩

# ସଘନ ଆମ୍ବ ଚାଷ ଓ ପୁରୁଣା ଆମ୍ବ ବଗିଚାର ପୁନରୁଦ୍ଧାର



ଲେଖକ:

**ଡଃ ସୁଶ୍ରୀ ଚୌଧୁରୀ**
ବୈଜ୍ଞାନିକ (ଉଦ୍ୟାନ ବିଜ୍ଞାନ)

**ଶ୍ରୀ ଜୟଶଙ୍କର ପ୍ରଧାନ**
ବିଷୟ ବସ୍ତୁ ବିଶେଷଜ୍ଞ (କୃଷି ପାଣିପାଗ)

**ଡଃ ସଞ୍ଜୀବ କୁମାର ମାଣ୍ଡି**
ବିଷୟ ବସ୍ତୁ ବିଶେଷଜ୍ଞ (କ୍ଷେତ୍ର ବିଜ୍ଞାନ)

**ଡଃ ସଂଗ୍ରାମ ପରମଗୁରୁ**
ବରିଷ୍ଠ ବୈଜ୍ଞାନିକ ଏବଂ ମୁଖ୍ୟ

କୃଷି ବିଜ୍ଞାନ କେନ୍ଦ୍ର, ଗଜପତି
ଓଡିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ

# ସଘନ ଆମ୍ବ ଚାଷ ଓ ପୁରୁଣା ଆମ୍ବ ବଗିଚାର ପୁନରୁଦ୍ଧାର




: ଲେଖକ :

**ଡଃ ସୁଶ୍ରୀ ଚୌଧୁରୀ**
ବୈଜ୍ଞାନିକ (ଉଦ୍ୟାନ ବିଜ୍ଞାନ)

**ଶ୍ରୀ ଜୟଶଙ୍କର ପ୍ରଧାନ**
ବିଷୟ ବସ୍ତୁ ବିଶେଷଜ୍ଞ (କୃଷି ପାଣିପାଗ)

**ଡଃ ସଂଜୀବ କୁମାର ମାଣ୍ଡି**
ବିଷୟବସ୍ତୁ ବିଶେଷଜ୍ଞ (କ୍ଷେତ୍ର ବିଜ୍ଞାନ)

**ଡଃ ସଂଗ୍ରାମ ପରମଗୁରୁ**
ବରିଷ୍ଠ ବୈଜ୍ଞାନିକ ଏବଂ ମୁଖ୍ୟ



**କୃଷି ବିଜ୍ଞାନ କେନ୍ଦ୍ର**
ରା. ଉଦୟଗିରି, ଗଜପତି-୭୬୧୦୧୬
ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର

ଷଘଡ ଆଣ୍ଣ ଷ୍ଣଷ ଓ ପୁତ୍ରୁଣା ଆଣ୍ଣ ଡଶିଗ୍ଣର ପୁଡତ୍ରୁଞାର


ମୁଖ୍ୟ ସମ୍ପାଦକ : ଡଃ ସଂଗ୍ରାମ ପରମଗୁରୁ
ବରିଷ୍ଠ ବୈଜ୍ଞାନିକ ଓ ମୁଖ୍ୟ

ବିଷୟ ବସ୍ତୁ : ଡଃ ସୁଶ୍ରୀ ଚୌଧୁରୀ
ବୈଜ୍ଞାନିକ (ଉଦ୍ୟାନ ବିଜ୍ଞାନ)

ଶ୍ରୀ ଜୟଶଙ୍କର ପ୍ରଧାନ
ବିଷୟବସ୍ତୁ ବିଶେଷଜ୍ଞ (କୃଷି ପାଣିପାଗ)

ଡଃ ସଂଜୀବ କୁମାର ମାଣ୍ଡି
ବିଷୟବସ୍ତୁ ବିଶେଷଜ୍ଞ (କ୍ଷେତ୍ର ବିଜ୍ଞାନ)



ଓ.ୟୁ.ଏ.ଟି ପବ୍ଲିକେଶନ ନଂ : ୨୦୨୩୧୨୦୦୭୩

2023120073

ପ୍ରକାଶକ : କୃଷି ବିଜ୍ଞାନ କେନ୍ଦ୍ର, ଗଜପତି
ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ

ପ୍ରକାଶ କାଳ : ୨୦୨୩-୨୪

# ସଘନ ଆମ୍ବ ଚାଷ ଓ
# ପୁରୁଣା ଆମ୍ବ ବଗିଚାର ପୁନରୁଦ୍ଧାର

ବିଶ୍ୱର ଆମ୍ବ ଉତ୍ପାଦନ କରୁଥିବା ଦେଶମାନଙ୍କ ମଧ୍ୟରେ ଭାରତ ପ୍ରଥମ ସ୍ଥାନରେ ରହିଛି । ସାରା ବିଶ୍ୱର ଶତକଡ଼ା ୪୦ ଭାଗ ଆମ୍ବ ଭାରତରେ ଉତ୍ପାଦନ ହୋଇଥାଏ । ଭାରତରେ ବାର୍ଷିକ ପ୍ରାୟ ୨୪.୭ ମିଲିୟନ୍ ଟନ୍ ଆମ୍ବ ଉତ୍ପାଦନ ହୋଇଥାଏ । ଗଜପତି ଜିଲ୍ଲାରେ ପ୍ରାୟତଃ ୮୪୯୦ ହେକ୍ଟର ବଗିଚାରେ ଆମ୍ବ ଚାଷ କରାଯାଏ । ତା' ମଧ୍ୟରୁ ୭୯୪୦ ହେକ୍ଟର ବଗିଚାରୁ ଫଳ ଆଦାୟ କରାଯାଏ । ଜିଲ୍ଲାରେ ସର୍ବମୋଟ ଆମ୍ବ ଉତ୍ପାଦନ ୨୧, ୩୪୮ ମେଟ୍ରିକ୍ ଟନ୍ ଏବଂ ଉତ୍ପାଦିକତା ହାର ୩ ମେଟ୍ରିକ୍ ଟନ୍ ।

ଆମ୍ବକୁ ଫଳମାନଙ୍କ ମଧ୍ୟରେ ରାଜା କୁହାଯାଏ । ଆମ୍ବ କଞ୍ଚା ହେଉ ବା ପାଚିଲା ସବୁରି ଆଦର । ଗଛରେ ଆମ୍ବ ଦେଖିଲେ ମନ ସ୍ୱତଃପ୍ରବୃତ ତା'କୁ ତୋଳିବାକୁ ଇଚ୍ଛା ହୁଏ । ଆମ୍ବର ଶସ ଠାରୁ କୋଇଲି ପର୍ଯ୍ୟନ୍ତ ସବୁ ଅଂଶ ଦରକାରରେ ଆସେ । ପାଚିଲା ଆମ୍ବ 'ଭିଟାମିନ୍-ଇ' ରେ ଭରପୂର ଏବଂ 'ଭିଟାମିନ୍-କ'ର ମାତ୍ରା ମଧ୍ୟ ଅଧିକ । ଏହା ବ୍ୟତୀତ ଶର୍କରା ପ୍ରାୟ ଶତକଡ଼ା ୨୦ ଭାଗ ଥାଏ । ଏଥିରୁ ବିଭିନ୍ନ ପ୍ରକାର ମୂଲ୍ୟଯୁକ୍ତ ପଦାର୍ଥ ଯଥା- ଆମ୍ବ ଆଚାର, ଜୁସ୍, ସ୍କ୍ୱାସ୍, ଆମ୍ବସଢ଼ା, ଆମ୍ବ ପାମଡ଼, ଆମଚୁର୍ ଇତ୍ୟାଦି ତିଆରି କରାଯାଇପାରିବ ।

## ଆମ୍ବରେ କମ୍ ଉତ୍ପାଦିକତାର କାରଣ :

### (କ) ଦେଶୀ ଆମ୍ବ ବଗିଚା :

ବର୍ତ୍ତମାନ ସୁଦ୍ଧା ଜିଲ୍ଲାରେ ବହୁତ ଆମ୍ବବଗିଚା ଅଛି, ଯାହା ଦେଶୀ ଆମ୍ବ ଟାକୁଆରୁ ହୋଇଛି । କାଣ୍ଡଛାଣ୍ଟ ବିନା ଏହି ସବୁ ଗଛରେ ଫଳ ଧାରଣ କମ୍ ହେଉଛି ଏବଂ ଫଳର ଗୁଣବତ୍ତା ମଧ୍ୟ କମ୍ । ଅଧିକନ୍ତୁ ଏହି ସବୁ ବଗିଚାରେ ରୋଗ ଏବଂ ପୋକର ମାତ୍ରା ଅଧିକ ।

### (ଖ) ସ୍ଥାନୀୟ ଜଳବାୟୁ ଭିତ୍ତିକ ଆମ୍ବ କିସମ ଗୁଡ଼ିକର ଚାଷ:

ସାରା ଭାରତବର୍ଷରେ ପ୍ରାୟ ୧୦୦୦ରୁ ଅଧିକ କିସମ ଚାଷ କରାଯାଏ। ବହୁତ କିସମଗୁଡ଼ିକ ଏକ ନିର୍ଦ୍ଦିଷ୍ଟ ସ୍ଥାନ ପାଇଁ ଉପଯୁକ୍ତ। ଯଥା- ଆଲ୍‌ଫାନ୍ସୋ, ଦଶେରୀ ଇତ୍ୟାଦି।

### (ଗ) ଫଳ ଆସିବା ପାଇଁ ଲମ୍ବା ସମୟ :

ବ୍ୟବସାୟିକ ଫଳ ଧାରଣ ପାଇଁ, ଆମ୍ବ ଅଧିକ (ପ୍ରାୟ ୧୦ରୁ ୧୫ ବର୍ଷ) ସମୟ ନିଏ। ଯଦିଓ ବର୍ତ୍ତମାନ ନୂତନ ଆମ୍ବ ବଗିଚାଗୁଡ଼ିକ ମୁଖ୍ୟତଃ କଲମି ଗଛ ଦ୍ୱାରା କରାହେଉଛି, କିନ୍ତୁ ସେଗୁଡ଼ିକର ଫଳ ଧାରଣ ମଧ୍ୟ ସ୍ଥାନ, ଜଳବାୟୁ ଅନୁସାରେ ଭିନ୍ନ ହେଉଛି।

### (ଘ) ଅନିୟମିତ ଫଳ ଧାରଣ :

କିଛି ଆମ୍ବ କିସମଗୁଡ଼ିକ ଯଥା- ନିଲମ୍, ବାଙ୍ଗାଲୋରା, ରୁମାଣି, ବାଇଗଣପଲେଇ ଇତ୍ୟାଦି ଛାଡ଼ିଦେଲେ ବହୁତ ଆମ୍ବ କିସମଗୁଡ଼ିକର ଫଳ ଧାରଣ ନିୟମିତ ନୁହେଁ। ଯଥା- ପ୍ରଥମ ବର୍ଷ ଅଧିକ ଫଳ ଆସିଲେ, ଦ୍ୱିତୀୟ ବର୍ଷ ଫଳ କମ୍ ଆସେ।

### (ଙ) ପ୍ରଜନନ ବୃଦ୍ଧି ଅପେକ୍ଷା ଅଧିକ ଅଙ୍ଗୀୟ ବୃଦ୍ଧି :

ଚିରହରିତ୍ ବୃକ୍ଷଗୁଡ଼ିକ ଯଥା- ଆମ୍ବ, ବର୍ଷସାରା ଅଧିକ ସୂର୍ଯ୍ୟାଲୋକ ପାଇଁ ବର୍ଷତମାମ ବଢ଼ିଥାନ୍ତି। ମୁଖ୍ୟତଃ ବିଷୁବ ମଣ୍ଡଳୀୟ ଜଳବାୟୁରେ ଅଙ୍ଗୀୟ ବୃଦ୍ଧି ପ୍ରଜନନ ବୃଦ୍ଧି ଅପେକ୍ଷା ଅଧିକ ହୋଇଥାଏ। ତେଣୁ ଅଙ୍ଗୀୟ ବୃଦ୍ଧିକୁ କିଛି ପରିମାଣରେ କାଣ୍ଡଛାଣ୍ଟ କରିବାକୁ ହୁଏ।

### (ଚ) ଭୁଲ୍ ବ୍ୟବଧାନରେ ରୋପଣ :

ଆଗକାଳରେ ପତିତ ଜମିର ପୁନରୁଦ୍ଧାର ପାଇଁ ଆମ୍ବ ଗଛ ଲଗା ହେଉଥିଲା। ଏହି ଆମ୍ବଗଛ ଗୁଡ଼ିକର ଦୂରତ୍ୱ ସଠିକ୍ ରୂପେ ନିରୂପଣ କରାଯାଇନଥିଲା, ଫଳରେ ଏକର ପ୍ରତି ଗଛସଂଖ୍ୟା ନିର୍ଦ୍ଧାରିତ ସଂଖ୍ୟା ହିସାବରେ ରହୁନଥିଲା। ଫଳରେ ଏକର ପ୍ରତି ଉତ୍ପାଦିକତା କମ୍ ହେଉଥିଲା।

## (ଛ) ଅଧିକ ମାତ୍ରାରେ ରୋଗ ଓ ପୋକ ପ୍ରଭାବ :

ସାଧାରଣତଃ ରୋଗ, ପୋକ ଦ୍ୱାରା ଆମ୍ବରେ ଅମଳ ୧୫ରୁ ୨୦ ପ୍ରତିଶତ କମ୍ ହୋଇଥାଏ । କିନ୍ତୁ ଅଧିକ ସଂକ୍ରମଣ କ୍ଷେତ୍ରରେ ଅମଳ ୪୦ ରୁ ୬୦ ପ୍ରତିଶତ ପର୍ଯ୍ୟନ୍ତ କମିଯାଏ । ବିଭିନ୍ନ ପ୍ରକାର ପୋକ ଯଥା ଆମ୍ବ ଡାହାଣୀ, ଫଳମାଛି ଏବଂ ରୋଗ ଯଥା- ପାଉଁଶିଆ, ଆନ୍ଥ୍ରାକ୍‌ନୋଜ୍ ଆମ୍ବର ଅମଳ ବହୁତ ମାତ୍ରାରେ କମାଇ ଦେଇଥାନ୍ତି ।

## (ଜ) ଆମ୍ବରେ ବିଭିନ୍ନ ପ୍ରକାର ଶାରିରୀକ ବିକାର :

ଆମ୍ବରେ ବିଭିନ୍ନ ପ୍ରକାର ଶାରିରୀକ ବିକାର (Physiological Disorders) ଯଥା- ସ୍ପଞ୍ଜ ଟିସୁ, ଫୁଲ ବିକାର ଅଗ୍ର କଳାଦାଗ ଇତ୍ୟାଦି ଆମ୍ବର ବଜାର ଚାହିଦା ମାନ୍ଦା କରିଥାଏ । ଏହା ଫଳରେ ଭାରତରେ ତଥା ଆନ୍ତର୍ଜାତିକ ବଜାରରେ ଏହି ଫଳଗୁଡ଼ିକର ଚାହିଦା କମିଯାଏ ।

## ଅମଳ ବଢ଼ିବା ପାଇଁ ଉପାୟ :

ଉପରୋକ୍ତ ଅସୁବିଧାକୁ ଆଖିରେ ରଖି, ଆମ୍ବର ଉତ୍ପାଦିକତା ବଢ଼ାଇବା ପାଇଁ କେତେଗୁଡ଼ିଏ ଉପାୟ ଅବଲମ୍ବନ କରିବାକୁ ହେବ-

(କ) ଉପଯୁକ୍ତ ଗଛ ଲଗାଇବା ପ୍ରଣାଳୀ

(ସଘନ ଆମ୍ବ ଚାଷ କିମ୍ବା ଅତି ସଘନ ଆମ୍ବ ଚାଷ)

(ଖ) ବୁନ୍ଦା ଜଳସେଚନ ଏବଂ ସାର ପରିଚାଳନା

(ଗ) ଉନ୍ନତ କାଣ୍ଟଛାଣ୍ଟ

(ଘ) ଅଧିକ ଯାନ୍ତ୍ରୀକରଣ

(ଙ) ଅମଳ ପୂର୍ବ ଏବଂ ପରବର୍ତ୍ତୀ ଯତ୍ନ

(ଚ) ନବୀକରଣ

(ଛ) ଫୁଲ ଆସିବା ପାଇଁ ବୃଦ୍ଧି ଉଦ୍ଦୀପକର ପ୍ରୟୋଗ

## ସଘନ ଆମ୍ବ ଚାଷ :

ଏହା ଏକ ଚାଷ ପଦ୍ଧତି ଯେଉଁଥିରେ ଏକର ପ୍ରତି ଗଛ ସଂଖ୍ୟା ପାରମ୍ପରିକ ଚାଷ ପଦ୍ଧତି ଅପେକ୍ଷା ଅଧିକ ଥାଏ, ଫଳରେ ଅମଳ ମଧ୍ୟ ଅଧିକ ମିଳେ। ମୁଖ୍ୟତଃ ଏହା ଦୀର୍ଘମିଆଦି ଫଳଗଛ ଗୁଡ଼ିକରେ ବହୁତ ଦରକାରୀ। ଏହି ପଦ୍ଧତିରେ ଜମିର ଉପଯୁକ୍ତ ବିନିଯୋଗ ହୁଏ। ଏତଦ୍‌ବ୍ୟତୀତ ଗଛର କାଣ୍ଟଛାଣ୍ଟ, ଘାସବଛା ଏବଂ ସିଞ୍ଚନ ଇତ୍ୟାଦି ସୁବିଧାରେ କରାଯାଇପାରେ। ଫଳର ମାନରେ ଉନ୍ନତି ଏବଂ ଅଧିକ ଗୁଣଯୁକ୍ତ ଫଳ ଅମଳ ମିଳେ। ମୁଖ୍ୟତଃ ୫ଟି ଉପାୟରେ ସଘନ ଚାଷ କରାଯାଇପାରିବ।

(କ) ବାଙ୍ଗରା କିସମ ଗଛର ଡାଳ କଲମୀ ପାଇଁ ନେବା

(ଖ) ବାଙ୍ଗରା କିସମ ଗଛର ଟାକୁଆକୁ ମୂଳଦଣ୍ଡ କଲମୀ ପାଇଁ ବ୍ୟବହାର କରିବା

(ଗ) ଉନ୍ନତ କାଣ୍ଟଛାଣ୍ଟ

(ଘ) ଗଛର ବୃଦ୍ଧି ନିୟନ୍ତ୍ରକ ରାସାୟନିକର ବ୍ୟବହାର

(ଙ) ଉପଯୁକ୍ତ ଫଳବଗିଚା ପରିଚାଳନା ପଦ୍ଧତି

ଭାରତରେ ଅଧିକା ସଘନ ଚାଷ ପଦ୍ଧତି ସଫଳତାର ସହିତ ଅନୁସରଣ କରାଯାଇ କଦଳୀ, ସପୁରୀ, ଅମୃତଭଣ୍ଡା ଏବଂ ଏବେ ଆମ୍ବ, ପିଜୁଳି, ଲେମ୍ବୁରେ ଅନୁସରଣ କରାଯାଇ ଅମଳକୁ ଦୁଇ-ତିନି ଗୁଣ ବଢ଼ାଯାଇପାରିଛି।

## ଅସୁବିଧା :

(କ) ପ୍ରାଥମିକ ପର୍ଯ୍ୟାୟରେ ଏହି ପଦ୍ଧତିରେ ବହୁତ ଖର୍ଚ୍ଚ ହୋଇଥାଏ।

(ଖ) ପର୍ଯ୍ୟାପ୍ତ ପରିମାଣର ବାଙ୍ଗରା କିସମ ଆମ୍ବଗଛର ଅଭାବ।

(ଗ) ଚାଷୀମାନଙ୍କରେ ଉପଯୁକ୍ତ ତାଲିମ ଅଭାବ।

କିନ୍ତୁ ଫଳଗଛର ଉତ୍ପାଦିକତା ଏବଂ ଏକର ପ୍ରତି ଗଛ ସଂଖ୍ୟା ବଢ଼ାଇବାକୁ ହେଲେ, ସଘନ ଚାଷ ଏକ ମାତ୍ର ବିକଳ୍ପ ମାଧ୍ୟମ।

ସାଧାରଣ ପଦ୍ଧତି, ମଧ୍ୟମ ସଘନ ଏବଂ ଅତି ସଘନ ପଦ୍ଧତି ମଧ୍ୟରେ ଏକ ପ୍ରଭେଦ।

| | ସାଧାରଣ ପଦ୍ଧତି | ମଧ୍ୟମ ସଘନ | ଅତି ସଘନ |
|---|---|---|---|
| (କ) ବୈବସାୟିକ ଫଳ ଧାରଣ ପାଇଁ ବୟସସୀମା | ୭ ରୁ ୯ବର୍ଷ | ୪ ରୁ ୫ | ୩ ରୁ ୪ |
| (ଖ) ଅମଳ କ୍ଷମତା | ମଧ୍ୟମ | ଅଧିକ | ଅତି ଅଧିକ |
| (ଗ) କାଣ୍ଡଛାଣ୍ଟ | ବହୁତ କଷ୍ଟ | ମଧ୍ୟମ | ସହଜ |
| (ଘ) ସିଞ୍ଚନକାର୍ଯ୍ୟ | କଷ୍ଟସାଧ | ମଧ୍ୟମ | ଅଧିକ |
| (ଙ) ସିଞ୍ଚନ ଦକ୍ଷତା | ବହୁତ କମ୍ | ମଧ୍ୟମ | ଅଧିକ |
| (ଚ) ଅମଳବହୁତ | କଷ୍ଟ ସମ୍ଭବ | ବହୁତ | ସହଜ |
| (ଛ) ଫଳର ଗୁଣବତ୍ତା | ବଜାୟ ରଖିବା | ସମ୍ଭବ ନୁହେଁ | ସମ୍ଭବ ସୁବିଧା |
| (ଜ) ଆନୁମାନିକ ଅମଳ (ମେଟ୍ରିକ୍‌ଟନ୍) ଅଧିକ ଅମଳକ୍ଷମ<br>କମ୍ ଅମଳକ୍ଷମ | ୧୦-୧୨<br>୫-୬ | ୧୮-୨୦<br>୮-୧୦ | ୨୦-୨୫<br>୧୨-୨୫ |
| (ଝ) ବୈବସାୟିକ ଫଳ ବଗିଚାର ବର୍ଷ | ୫୦ବର୍ଷ ପର୍ଯ୍ୟନ୍ତ | ୩୦-୩୫ବର୍ଷ ପର୍ଯ୍ୟନ୍ତ | ୨୦-୨୫ବର୍ଷ ପର୍ଯ୍ୟନ୍ତ |

## ସଘନ ଚାଷ ପଦ୍ଧତିରେ ଗଛ ଲଗାଇବା ପ୍ରଣାଳୀ :

(କ) ଗାତ ଆକାର : ୧ମି.×୧ମି.×୧ମି. (ଦୈର୍ଘ୍ୟ : ପ୍ରସ୍ଥ : ଗଭୀର)

(ଖ) ଦୂରତ୍ୱ : ୮ମି.×୫ମି. (୨୫୦ ଗଛ/ହେକ୍ଟର)

୫ମି.×୫ମି. (୪୦୦ ଗଛ/ହେକ୍ଟର)

୨.୫ମି.×୩.୦ମି. (୧୩୩୩ ଗଛ/ହେକ୍ଟର)

୨.୫ମି.×୨.୫ମି. (୧୬୦୦ ଗଛ/ହେକ୍ଟର)

## ସାର ପରିଚାଳନା :

ଗାତ ପ୍ରତି ୧୦୦ ଗ୍ରା. ଯବକ୍ଷାରଜାନ, ୭୫ ଗ୍ରା. ଫସ୍‌ଫରସ୍ ଏବଂ ପଟାସ୍ ୭୫ ଗ୍ରା. ।

ପରେ ପ୍ରତିବର୍ଷ ଏହି ପରିମାଣ ଗଛର ବୟସ ଅନୁସାରେ ବଢ଼ାଯାଏ । ଯଥା- ଦୁଇବର୍ଷ ଗଛ ପ୍ରତି ଯବକ୍ଷାରଜାନ ୨୦୦ ଗ୍ରା., ଫସ୍‌ଫରସ୍ ୧୫୦ ଗ୍ରା. ଏବଂ ପଟାସ୍ ୧୫୦ ଗ୍ରା. ।

ପୁରା ଫସ୍‌ଫରସ୍ ଏବଂ ପଟାସ୍‌କୁ ଡିସେମ୍ବର ମାସରେ ମୂଳ ସାର ହିସାବରେ ପ୍ରୟୋଗ କରାଯାଏ ଏବଂ ଯବକ୍ଷାରଜାନ ସାରକୁ ସମାନ ଦୁଇଭାଗରେ ଡିସେମ୍ବର ମାସରେ ଏବଂ ଜୁଲାଇ ମାସରେ ଫଳ ଅମଳ ପରେ ଦିଆଯାଏ । ଏତଦ୍‌ବ୍ୟତୀତ ୟୁରିଆ ସାରକୁ ଶତକଡ଼ା ୧ ପ୍ରତିଶତ ହିସାବରେ ମଧ୍ୟ ସିଞ୍ଚନ କରାଯାଇପାରିବ (ହେକ୍ଟରକୁ ୫ କି.ଗ୍ରା.) ।

## ଜଳସେଚନ :

ସଘନ ଚାଷ ପଦ୍ଧତିରେ ନିୟମିତ ଫଳ ଆସିବା ପାଇଁ ପାକ୍ଲୋବୁଟ୍ରାଜୋଲ୍ (ଗଛ ପ୍ରତି ୫୦ ଗ୍ରାମ୍) ଦିଆଯାଏ । ଏହି ରାସାୟନିକ ଦିଆଯିବା ପରେ ଜଳସେଚନ କରାଯାଏ ।

ଦ୍ୱିତୀୟତଃ ଗଛରେ ବଉଳ ଆସିବା ଠାରୁ ଫଳ ଅମଳ ପର୍ଯ୍ୟନ୍ତ (ମାର୍ଚ୍ଚ ମାସରୁ ଜୁନ୍ ମାସ ପର୍ଯ୍ୟନ୍ତ) ପ୍ରତି ୧୫ରୁ ୨୦ ଦିନ ଅନ୍ତରରେ ଜଳସେଚନ କରାଯାଏ ।

**କାଣ୍ଟଛାଣ୍ଟ :**

(କ) ଗଛକୁ ପ୍ରଥମେ ଏକ ବର୍ଷ ପର୍ଯ୍ୟନ୍ତ ବଢ଼ିବାକୁ ଦିଆଯାଏ ।

(ଖ) ଅକ୍ଟୋବର-ନଭେମ୍ବର ମାସରେ ଗଛ ମୂଳରୁ ୬୦-୭୦ ସେ.ମି. ଉଚ୍ଚତାରେ ଧାରୁଆ ଛୁରୀରେ ଗଛକୁ ଅଗରୁ କାଟି ଦିଆଯାଏ ।

(ଗ) କଟା ସରିଲା ପରେ କଟା ଜାଗାରେ ବୋର୍ଡ଼େକ୍ସ ଦ୍ରବଣର ଏକ ପ୍ରଲେପ ଲଗାଇ ଦିଆଯାଏ ।

(ଘ) ପରବର୍ତ୍ତୀ ମାର୍ଚ୍ଚ- ଏପ୍ରିଲ୍ ମାସରେ (ବସନ୍ତ ଋତୁରେ) ଏହି ଅଗକଟା ଗଛରୁ ନୂଆ ଶାଖାମାନ ବାହାରେ ।

(ଙ) ମେ' ମାସର ପ୍ରଥମାର୍ଦ୍ଧରେ ଅଧିକ ଶାଖାଗୁଡ଼ିକୁ ମୂଳରୁ କାଟି ଦିଆଯାଏ । ଫଳରେ କେବଳ ଚାରୋଟି ଚାରି ଦିଗକୁ ଲମ୍ବିଥିବା ଶକ୍ତ ଡାଳ ରଖାଯାଏ । ଏଗୁଡ଼ିକୁ ପ୍ରାଥମିକ ଶାଖା କୁହାଯାଏ ।

(ଚ) ଏହି ପ୍ରାଥମିକ ଶାଖାଗୁଡ଼ିକ ଯଦି ମୁଖ୍ୟ ଗଣ୍ଡି ସହିତ କମ୍ କୋଣ କରି ବାହାରିଥାନ୍ତି, ତେବେ ଛୋଟ ସୁତୁଲି ସାହାଯ୍ୟରେ ତାକୁ ତଳକୁ ଅଧିକ ନୁଆଇଁ ଯାଇପାରିବ । ଫଳରେ ଗଛରେ ଫଳ ଧାରଣର ଆକାର ବଢ଼ିଯିବ ।

(ଛ) ପୁଣି ଅକ୍ଟୋବର-ନଭେମ୍ବର ମାସରେ ପ୍ରାଥମିକ ଶାଖାଗୁଡ଼ିକୁ କାଟି ଦିଆଯାଏ । ଫଳରେ ତା'ପର ବର୍ଷ ବସନ୍ତ ଋତୁରେ ଦ୍ୱିତୀୟ ପର୍ଯ୍ୟାୟ ଶାଖା ବାହାରେ ।

(ଜ) ଆବଶ୍ୟକ ପଡ଼ିଲେ, ଯଦି ଗଛରେ ଚତୁର୍ଦ୍ଦିଗରେ ପର୍ଯ୍ୟାପ୍ତ ପରିମାଣରେ ଡାଳ ନଥାଏ, ତା'ହେଲେ ଆଉଥରେ ପରବର୍ତ୍ତୀ ଅକ୍ଟୋବର-ନଭେମ୍ବର ମାସରେ ଥରେ ଡାଳ କଟାଯାଇପାରିବ ।

(ଝ) ଏହି କାଣ୍ଟଛାଣ୍ଟ ଫଳରେ ଗଛର ମଧ୍ୟଭାଗ ଖୋଲା ରହେ ଏବଂ ଚତୁର୍ଦ୍ଦିଗକୁ ଡାଳ ମାଡ଼ି ଏକ ପୂର୍ଣ୍ଣାଙ୍ଗ ଗଛ ମିଳେ ।

(ଛ) ଡାଳ କଟାଇବା ପରେ ଗଛରେ ୧ ଶତକଡ଼ା ୟୁରିଆ ଏବଂ ୦.୨ ଶତକଡ଼ା ବ୍ଲାଇଟକ୍ସ-୫୦ ଦ୍ରବଣ ସିଞ୍ଚନ କରିବାକୁ ହୁଏ ।

**ଅନ୍ତଃକାର୍ଯ୍ୟ :**

ଅକ୍ଟୋବର-ନଭେମ୍ବର ମାସରେ ବର୍ଷା ଛାଡ଼ିଗଲା ପରେ ବଗିଚାକୁ ଅନ୍ତଃଚାଷ କରି ଘାସ ସଫା କରାଯାଏ ଏବଂ ବଗିଚା ମାଟିରେ ସାର ଏବଂ ସଢ଼ା ପତ୍ର ମିଶାଯାଏ ।

**ରୋଗ ଓ ପୋକ ଦମନ :**

ପୋକ ମଧ୍ୟରେ ଆମ୍ବ ଡାହାଣୀ, ଫଳମାଛି ଏବଂ ରୋଗ ମଧ୍ୟରେ ପାଉଁଶିଆ ରୋଗ, ଆନ୍ଥ୍ରାକ୍‌ନୋଜ୍ ଆମ୍ବ ଗଛର ପ୍ରଭୂତ କ୍ଷତି କରିଥାନ୍ତି ।

(କ) ଜାନୁୟାରୀ ମାସର ପ୍ରଥମ ସପ୍ତାହ- ନୂଭାକ୍ରନ୍ ଦ୍ରବଣ ଲିଟର ପ୍ରତି ୧.୨୫ ମି.ଲି. ହିସାବରେ ସିଞ୍ଚନ କରାଯିବ ।

(ଖ) ଫେବୃୟାରୀ ମାସର ପ୍ରଥମ ସପ୍ତାହ - ନୂଭାକ୍ରନ୍ ଦ୍ରବଣ ଲିଟର ପ୍ରତି ୧.୨୫ ମି.ଲି. ହିସାବରେ ସିଞ୍ଚନ କରାଯିବ ।

(ଗ) ମାର୍ଚ୍ଚ ମାସର ପ୍ରଥମ ସପ୍ତାହ - ୧୫ ମି.ଲି. ନୂଭାକ୍ରନ୍ ଏବଂ ୬ ମି.ଲି. କାରାଥେନ୍ ପ୍ରତି ୧୦ ଲିଟରକୁ ସିଞ୍ଚନ କରାଯିବ ।

(ଘ) ଏପ୍ରିଲ୍ ମାସର ପ୍ରଥମ ସପ୍ତାହ - କାର୍ବାରିଲ୍ (୫%) ୨ ଗ୍ରାମ୍ ଏବଂ ବ୍ଲାଇଟକ୍ସ-୫୦ ର ୨ ଗ୍ରାମ୍ ମିଶ୍ରଣ ସହିତ ପ୍ରତି ଲିଟର ପାଣିରେ ସିଞ୍ଚନ କରାଯିବ ।

(ଙ) ଜୁନ୍-ଜୁଲାଇ ମାସରେ ଫଳ ଅମଳ ସରିବା ପରେ ବ୍ଲାଇଟକ୍ସ-୫୦ ଦ୍ରବଣର ୦.୨ ଶତକଡ଼ା ଏବଂ ୧ ପ୍ରତିଶତ ୟୁରିଆ ଗଛରେ ସିଞ୍ଚନ କରିବା ଉଚିତ୍ ।

(ଚ) ଅଗଷ୍ଟ ମାସର ପ୍ରଥମ ସପ୍ତାହରେ ରୋଗର ଲିଟର ପ୍ରତି ୪ ମି.ଲି. ଏବଂ ନୂଭାକ୍ରନ୍ ଲିଟର ପ୍ରତି ୨ ମି.ଲି. ଅଗଷ୍ଟ ମାସରେ ତୃତୀୟ କିମ୍ବା ଚତୁର୍ଥ ସପ୍ତାହରେ ସିଞ୍ଚନ କରାଯିବ ।

(ଛ) ଡିସେମ୍ବର ମାସରେ ଗଛ ମୂଳରେ ପୋଲିକଲ ଔଷଧର ମୁଣ୍ଡ ହେକ୍ଟର ପ୍ରତି ୬ କି.ଗ୍ରା. ୫ ବର୍ଷରୁ ଅଧିକ ବୟସର ଗଛରେ ପ୍ରୟୋଗ କରାଯିବ ।

ଗୋବିନ୍ଦବଲ୍ଲଭ ପନ୍ତ କୃଷି ଏବଂ ବୈଷୟିକ ବିଶ୍ୱବିଦ୍ୟାଳୟର ପ୍ରଫେସର ସୀତାରାମ ଦୀର୍ଘ ୨୦ ବର୍ଷ (୧୯୭୬-୧୯୯୬) ଅନିୟମିତ ଆମ୍ବ କିସମ ଦଶେରୀ ଉପରେ ସଘନ ପଦ୍ଧତିରେ ଗବେଷଣା କରିଥିଲେ । ଏହି ପଦ୍ଧତିରେ ହେକ୍ଟର ପ୍ରତି ୧୩୧୩ ଗଛ ଲଗା ହୋଇଥିଲା, ଯେଉଁଥିରୁ ହେକ୍ଟର ପ୍ରତି ୨୩୮ ମେଟ୍ରିକ୍ ଟନ୍ ଆମ୍ବ ଅମଳ କରାଯାଇ ପାରିଥିଲା । ଯାହା ସାଧାରଣ ଘନତା ୧୬୯ ଗଛ/ହେକ୍ଟର ଠାରୁ ୧୧.୩୮ ଗୁଣ ଅଧିକ ।

## ପୁରୁଣା ବଗିଚାର ପୁନରୁଦ୍ଧାର :

ଆମ ଜିଲ୍ଲାରେ ବହୁତ ଗୁଡ଼ିଏ ଆମ୍ବ ବଗିଚା ଅଛି, ଯେଉଁଗୁଡ଼ିକ ଯତ୍ନ ଅଭାବରୁ ବହୁତ ଡେଙ୍ଗା ହୋଇଥାଏ । ଫଳରେ ସେସବୁ ଗଛରୁ ବହୁତ କମ୍ ଫଳ ମିଳେ ଏବଂ ଫଳ ତୋଳିବା ମଧ୍ୟ ବହୁତ କଷ୍ଟ ହୁଏ । ତେଣୁ ସେସବୁ ବଗିଚାକୁ ପୁନରୁଦ୍ଧାର କରାଗଲେ, ସେମାନଙ୍କର ଫଳଧାରଣ ସମୟକୁ ବଢ଼ାଯାଇପାରନ୍ତା । ଏହି ପୁନରୁଦ୍ଧାର ପାଇଁ କେତେକ ଉପାୟ ଅବଲମ୍ବନ କରିବାକୁ ହେବ ।

* ଗଛର ଫଳଧାରଣ ଅନୁସାରେ ରୁଗ୍ଣ ବଗିଚା ଚୟନ ।
* ଯେଉଁ ଡାଳଗୁଡ଼ିକୁ କାଟି ଦିଆଯିବ, ସେଗୁଡ଼ିକୁ ପ୍ରଥମେ ଚିହ୍ନ ଦେବା ।
* ଅକ୍ଟୋବର-ନଭେମ୍ବର ମାସରେ ସେହି ଡାଳଗୁଡ଼ିକୁ ଭୂମି ପୃଷ୍ଠଠାରୁ ୨.୦-୨.୫ମି. ଉଚ୍ଚତାରେ କଟାଯାଏ ।
* ଡାଳ କାଟିବା ସମୟରେ ସାବଧାନତା ରହିବା ଉଚିତ, ପ୍ରଥମେ କଟାଟି ଡାଳର ତଳପଟରୁ ଦେବା ଉଚିତ୍ ଏବଂ ପରେ ଉପର ପଟରୁ କଟା ହେବା ଉଚିତ୍ । ଫଳରେ ଡାଳ ଯେପରି ନଫାଟେ ।

* କଟାଗୁଡ଼ିକ ତୀକ୍ଷ୍ଣ ଏବଂ 'V' ଆକାରର ହେବା ଉଚିତ୍ ।
* ପ୍ରତି କଟା ସ୍ଥାନରେ ବୋର୍ଡ଼େକ୍ସ ଦ୍ରବଣର ପ୍ରଲେପ ଦେବା ଉଚିତ୍ ।
* ଡାଳ କଟା ସରିବା ପରେ କଟା ଡାଳଗୁଡ଼ିକୁ ବଗିଚାରୁ ଖୋଲି ଦେବା ଉଚିତ୍ । ଫଳରେ ଖତ ସାର ଦେବା ପାଇଁ ସୁବିଧା ହେବ ।
* ଫେବୃୟାରୀ ମାସରେ ଗଛରେ ସାର ଦେବା ପାଇଁ ଉପଯୁକ୍ତ ସମୟ ।
* ଗଛ ପ୍ରତି ୨.୫ କି.ଗ୍ରା. ୟୁରିଆ, ୩ କି.ଗ୍ରା. ସୁପର ଏବଂ ୧.୫ କି.ଗ୍ରା. ପଟାସ୍ ସାର ଏବଂ ସଢ଼ା ଗୋବର ଖତ ୧୨୦ କି.ଗ୍ରା. ଗଛ ପ୍ରତି ପ୍ରୟୋଗ କରାଯାଏ । ଅଧା ୟୁରିଆ, ପୁରା ସୁପର ଏବଂ ପୁରା ପଟାସ୍ ଫେବୃୟାରୀ ମାସର ଶେଷ ସପ୍ତାହରେ ପ୍ରୟୋଗ କରାଯାଏ ଏବଂ ଶେଷ ଭାଗ ୟୁରିଆକୁ ଜୁନ୍ ମାସର ଶେଷ ଭାଗରେ ପ୍ରୟୋଗ କରାଯାଏ । ସାର ପ୍ରୟୋଗ କରିବା ପାଇଁ ଗଛର ଚାରିପାଖରେ ୧.୫ମି. ବ୍ୟାସାର୍ଦ୍ଧର ଏକ ନାଳୀ ଖୋଳାଯାଏ । ଏହି ନାଳୀର ମୋଟେଇ ୧ ଫୁଟ ଏବଂ ଗଭୀର ୧ ଫୁଟ ଅଟେ ।

ଏପ୍ରିଲ୍ ମାସଠାରୁ ଆରମ୍ଭ କରି ମୌସୁମୀ ବାୟୁ ଆସିବା ପର୍ଯ୍ୟନ୍ତ ମନ୍ଦା ଜଳସେଚନ କରାଯାଏ ।

କଥାରେ ଅଛି :-

"କୋଡ଼ିଏ ହାତ କରି ଫାଙ୍କ
ଆମ୍ବ ଗଛ ପୋତି ଦେଖ ।
ଗଛ କୁ ଗଛ ଯେବେ ଲାଗଇ
ତେବେ ଫଳ ଲଭିବ ନାହିଁ ॥"







2023120073


କୃଷି ବିଜ୍ଞାନ କେନ୍ଦ୍ର, ଗଜପତି

ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ

email : kvk.gajapati@ouat.ac.in